


Home | Con


ସିଭିଲ ସର୍ଭିସ ପରୀକ୍ଷାଃ ଏମ୍. ରେଭୁ ଟପର; ଡଂଫର-କମାଣ୍ଡର ଧକ୍କା,୧୦ ମୃତ; ବରଯାତ୍ରୀ ଗାଡ଼ି ଓଲଟି ୫୮ ଆହତ; ଓଡ଼ିଶା ପୁଲିସ-ବିହାରୀ ଅପରାଧୀ ସଂପର୍କ

ତାରିଖ : ୧୫/୫/୨୦୦୭

| Su | Mo | Tu | We | Th | Fr | Sa |
|---|---|---|---|---|---|---|
| | | ୧ | ୨ | ୩ | ୪ | ୫ |
| ୬ | ୭ | ୮ | ୯ | ୧୦ | ୧୧ | ୧୨ |
| ୧୩ | ୧୪ | ୧୫ | ୧୬ | ୧୭ | ୧୮ | ୧୯ |
| ୨୦ | ୨୧ | ୨୨ | ୨୩ | ୨୪ | ୨୫ | ୨୬ |
| ୨୭ | ୨୮ | ୨୯ | ୩୦ | ୩୧ | | |

Bhubaneswar Balasore Katak Brahmapur Jeypore Sambalpur Anugul Rourkela

Yellow pages | Orissa info | Ayurveda | Glamour Orissa | Public news reporting
Real-estate | Bidese odia | Vastu & Horoscope | Matrimonials | Calendar
Exam result | Art & craft | Eminent Personality | Jobs | News Archive

ମୁଖ୍ୟ ପୃଷ୍ଠା
ମୁଖ୍ୟ ଖବର
ଅନ୍ୟାନ୍ୟ ଖବର
କ୍ରୀଡ଼ା ଖବର
ଜାତୀୟ ଖବର
ଅନ୍ତର୍ଜାତୀୟ ଖବର
ମହାନଗର ଖବର
ରବିବାର ସମ୍ବାଦ
ବିଜ୍ଞାପନ
ସଂପାଦକୀୟ
ସାକ୍ଷାତକାର
ଆମ ସଂପର୍କରେ
କଟାକ୍ଷ
ସଂସ୍କରଣ ଅଭିଲେଖ

 କେନ୍ଦ୍ରୀୟ ଅନୁଦାନକୁ ନେଇ ପୁନର୍ବାର ଶାସକ-ବିରୋଧୀ ମୁହାଁମୁହିଁ, ଅନ୍ୟାୟର ଜବାବ---

## କେନ୍ଦ୍ରୀୟ ଅନୁଦାନକୁ ନେଇ ପୁନର୍ବାର ଶାସକ-ବିରୋଧୀ ମୁହାଁମୁହିଁ, ଅନ୍ୟାୟର ଜବାବ ଦିଆଯିବଃ ବିଜେଡି, ଶ୍ୱେତପତ୍ର ପ୍ରକାଶ କରଃ କଂଗ୍ରେସ

ଭୁବନେଶ୍ୱର (ଇମିସ): କେନ୍ଦ୍ରୀୟ ଅନୁଦାନ ପ୍ରସଙ୍ଗକୁ ନେଇ ପୁନର୍ବାର ଶାସକ ବିଜେଡି ଓ ବିରୋଧୀ ଦଳ କଂଗ୍ରେସ ମୁହାଁମୁହିଁ ହୋଇଛନ୍ତି । କଂଗ୍ରେସ ନେତୃତ୍ୱାଧୀନ ୟୁପିଏ ସରକାର ଓଡ଼ିଶା ପ୍ରତି ଚରମ ଅବହେଳା ଓ ଅନ୍ୟାୟ କରୁଥିବାରୁ ଏହାର ଉଚି ତ ଜବାବ ଦିଆଯିବ ବୋଲି ଆଜି ଶକ୍ତିମନ୍ତ୍ରୀ ସୂର୍ଯ୍ୟନାରାୟଣ ପାତ୍ର କହିଛନ୍ତି । ଅପରପକ୍ଷେ କେନ୍ଦ୍ର ସରକାରଙ୍କ ଦ୍ୱାରା ପ୍ରଦତ୍ତ ଜେଏନ୍ଏନ୍ଆର୍ୟୁଏମ୍, ଏନ୍ଆର୍ଇଜିଏ, ଭାରତ ନିର୍ମାଣ ଯୋଜନା, ରାଜୀବ ଗାନ୍ଧୀ ଗ୍ରାମୀଣ ବିଦ୍ୟୁତ୍ ଯୋଜନା, ପଛୁଆ ଅଂଚଳ ବିକାଶ ପାଣ୍ଠି ଓ ଆଦିବାସୀ ଜନଜାତି ଉନ୍ନୟନ ପାଣ୍ଠିକୁ ବ୍ୟୟ କରିବାରେ ରାଜ୍ୟ ସରକାର ବିଫଳ ହୋଇଛନ୍ତି ଓ ଏହି ଅର୍ଥର ବ୍ୟାପକ ଅପବ୍ୟବହାର ହେଉଛି ବୋଲି କଂଗ୍ରେସ ପକ୍ଷରୁ କୁହାଯାଇଛି । ସତ୍ ସାହସ ଥିଲେ ରାଜ୍ୟ ସରକାର କେନ୍ଦ୍ରୀୟ ଅନୁଦାନ ସଂପର୍କରେ ଏକ ଶ୍ୱେତପତ୍ର ପ୍ରକାଶ କରନ୍ତୁ ବୋଲି କେନ୍ଦ୍ର ମନ୍ତ୍ରୀ ଚନ୍ଦ୍ରଶେଖର ସାହୁ ଆହ୍ୱାନ ଦେଇଛନ୍ତି ।

କେନ୍ଦ୍ର ସରକାରଙ୍କ ବିରୋଧରେ ବିଷୋଦଗାର କରି ଶ୍ରୀ ପାତ୍ର ଗତକାଲ ସାମ୍ବାଦ କମାନଙ୍କୁ ସଚିବାଳୟରେ କହିଲେ, ମାନବ ସମ୍ବଳ ମନ୍ତ୍ରଣାଳୟ ଭାରତରେ ୩ଟି ଆଇଆଇଟି ସ୍ଥାପନ ପାଇଁ ଘୋଷଣା କରିଥିଲେ । ଏହି ୩ଟି ଆଇଆଇଟି ରାଜସ୍ଥାନ, ବିହାର ଓ ଓଡ଼ିଶାରେ ପ୍ରତିଷ୍ଠା କରାଯବାକୁ ନିଷ୍ପତ୍ତି ହୋଇଥିଲା । ଘୋଷଣା ଅନୁଯାୟୀ ରାଜସ୍ଥାନ ଓ ବିହାରରେ ଆଇଆଇଟି ସ୍ଥାପନ ହେବାକୁ ଯାଉଥିବା ବେଳେ ଓଡ଼ିଶାରେ ପ୍ରସ୍ତାବିତ ଆଇଆଇଟି ଆନ୍ଧ୍ରକୁ ଚାଲିଗଲା । ଏହାର ପ୍ରତିବାଦରେ ବିଜେଡ଼ି-ବିଜେପି ସାଂସଦମାନେ ସଂସଦ ଆଗରେ ବିକ୍ଷୋଭ କରିଥିବା ବେଳେ ଗତକାଲି ସାରା ରାଜ୍ୟର ବିଭିନ୍ନ ସ୍ଥାନରେ ଯୁବ ଓ ଛାତ୍ର ବିଜେଡ଼ି ସମର୍ଥକମାନେ ବ୍ଲକ୍ ଓ ଜିଲ୍ଲା ମୁଖ୍ୟ ଦପ୍ତର ଆଗରେ ବିକ୍ଷୋଭ ପ୍ରଦର୍ଶନ କରିଛନ୍ତି । ସେହିଭଳି ଭାରତ ନିର୍ମାଣ ଯୋଜନାରେ ଏନ୍ଡିଏ ସରକାର ଆରମ୍ଭ କରିଥିବା ଗ୍ରାମ୍ୟ ବିଦ୍ୟୁତ୍କରଣ ଯୋଜନାକୁ ୟୁପିଏ ସରକାର ରାଜୀବ ଗାନ୍ଧୀ ଗ୍ରାମ୍ୟ ବିଦ୍ୟୁତ୍କରଣ ଯୋଜନା ନାମରେ ନାମିତ କରିଛନ୍ତି । ଏହି ଯୋଜନାରେ କେନ୍ଦ୍ର ସରକାର ପାଂଚ ହଜାର କୋଟି ଟଙ୍କାର ବ୍ୟବସ୍ଥା କରିଥିଲେ । ଓଡ଼ିଶା, ଝାଡ଼ଖଣ୍ଡ ଓ ଛତିଶଗଡ଼ ବିଦ୍ୟୁତ୍ ଯୋଗାଣ କ୍ଷେତ୍ରରେ ଅତି ପଛୁଆ ରାଜ୍ୟ ହୋଇଥିଲେ ମଧ୍ୟ ଏହି ରାଜ୍ୟମାନଙ୍କ ସ୍ୱାର୍ଥକୁ କେନ୍ଦ୍ର ସରକାର ଗୁରୁତ୍ୱ ଦେଇ ନାହାନ୍ତି । ଅପର ପକ୍ଷେ ନିର୍ବାଚନକୁ ଆଖି ଆଗରେ ରଖି କେନ୍ଦ୍ର ସରକାର ଏହି ଯୋଜନାରେ ଉତ୍ତରପ୍ରଦେଶକୁ ୨୭୦୦ କୋଟି ଟଙ୍କା ଦେଇଛନ୍ତି । ଓଡ଼ିଶାର ୨ଟି ଜିଲ୍ଲା ପାଇଁ ବିଦ୍ୟୁ ତ୍ ସଂଯୋଗ ନିମନ୍ତେ ଏପର୍ଯ୍ୟନ୍ତ ମାତ୍ର ୬୦ କୋଟି ଟଙ୍କାର ବ୍ୟବସ୍ଥା ହୋଇଛି । ଏହି ଟଙ୍କାରେ ଏନ୍ଟିପିସି ନୟାଗଡ଼ ଓ ଅନୁଗୁଳରେ ବିଦ୍ୟୁତ୍କରଣ କାର୍ଯ୍ୟ ହାତକୁ ଦେବ । ପୂର୍ବରୁ କେନ୍ଦ୍ର ସରକାରଏହି ଯୋଜନାରେ ସବୁ ଜନବସତିକୁ ବିଦ୍ୟୁତ୍ ସଂଯୋଗ ଦେବେ



















ବୋଲି ଘୋଷଣା କରିଥିବା ବେଳେ ଏବେ ନୂଆ ଘୋଷଣା କରିଛନ୍ତି । ଏହା ଫଳରେ ୩୦୦ରୁ କମ୍ ଜନସଂଖ୍ୟା ବିଶିଷ୍ଟ ଗ୍ରାମକୁ ଏହି ଯୋଜନାରେ ବିଦ୍ୟୁତ୍ ସଂଯୋଗ ହେବ ନାହିଁ । ଏହାଦ୍ୱାରା ଓଡ଼ିଶାର ଆଦିବାସୀ ଓ ପଛୁଆ ଅଞ୍ଚଳ ବିଶେଷ ପ୍ରଭାବିତ ହେବ । ଓଡ଼ିଶାର କଣିହାସ୍ଥିତ ଏନ୍‌ଟିପିସିରୁ ଏକ ତୃତୀୟାଂଶ ବିଦ୍ୟୁତ୍ ଶକ୍ତି ରାଜ୍ୟକୁ ମିଳିବା କଥା । ମାତ୍ର ଏହା କାର୍ଯ୍ୟକାରୀ କରାଯାଉ ନାହିଁ । ପ୍ରଥମ ପର୍ଯ୍ୟାୟରେ ଉତ୍ପାଦିତ ୧୦୦୦ ମେଗାୱାଟ୍ ଶକ୍ତିରୁ ରାଜ୍ୟକୁ ଏକ ତୃତୀୟାଂଶ ବିଦ୍ୟୁତ୍ ମିଳିଥିଲେ ମଧ୍ୟ ଦ୍ୱିତୀୟ ପର୍ଯ୍ୟାୟରେ ଉତ୍ପାଦିତ ୨୦୦୦ ମେଗାୱାଟ୍‌ରୁ ମାତ୍ର ୨୦୦ ମେଗାୱାଟ୍ ଶକ୍ତି ଓଡ଼ିଶାକୁ ମିଳିବ । ପ୍ରଧାନମନ୍ତ୍ରୀଙ୍କ ଘୋଷଣାର ୮ ମାସ ପରେ ଏହା ମିଳିଛି । ଏହା କେନ୍ଦ୍ର ସରକାରଙ୍କ ଓଡ଼ିଶା ପ୍ରତି ଅବହେଳାର ଏହା ଏକ ନମୁନା । ଏହା ବିରୋଧରେ ବିଜେଡ଼ି ଜନମତ ସୃଷ୍ଟି କରିବା ସହ ବ୍ୟାପକ ଆନ୍ଦୋଳନାତ୍ମକ ପଦକ୍ଷେପ ଗ୍ରହଣ କରିବ ବୋଲି ଶ୍ରୀ ପାତ୍ର ସାମ୍ବାଦିକମାନଙ୍କୁ କହିଛନ୍ତି ।

## ମୁଖ୍ୟଖବର

- ଚୀନ୍‌ର ଚକିଂଙ୍ଗ ସହରରେ ପୌର ସଂସ୍ଥା ପ୍ରତିଷ୍ଠା ହେବାର ୧୦ମ ବାର୍ଷିକୀ ଅବସରରେ ହେବାକୁ ଥିବା ଉତ୍ସବ ପାଇଁ ଆଲୋକସଜ୍ଜା; ଚିଟାଗଙ୍ଗ୍ ଷ୍ଟାଡିୟମ୍‌ରେ 'ଟିମ୍ ଇଣ୍ଡିଆ'କୁ ସ୍ୱାଗତ ପାଇଁ ବାଂଲାଦେଶୀ ମହିଳାଙ୍କ ପୂର୍ବ ପ୍ରସ୍ତୁତି
- ସିଭିଲ ସର୍ଭିସ ପରୀକ୍ଷା: ଏମ୍. ରେଭୁ ଟପର
- ଡଂଫର-କମାଣ୍ଡର ଧକ୍କା, ୧୦ ମୃତ
- ବରଯାତ୍ରୀ ଗାଡ଼ି ଓଲଟି ୫୮ ଆହତ
- ସଚିନଙ୍କୁ ଟିକସ ରିହାତି, ସିଏଜିର ଭର୍ତ୍ସନା
- ରାଜୀବ ଗାନ୍ଧି ଗ୍ରାମ୍ୟ ବିଦ୍ୟୁତ୍‌କରଣ ଯୋଜନା: ନବୀନଙ୍କ ଅନୁରୋଧକୁ ସିନ୍ଦେଙ୍କ ପ୍ରତ୍ୟାଖ୍ୟାନ
- ୨୪ରେ ମୌସୁମୀ କେରଳ ଛୁଇଁବ
- ଓଡ଼ିଶା ପୁଲିସ-ବିହାରୀ ଅପରାଧୀ ସଂପର୍କ: ମୂଳ ରିପୋର୍ଟକୁ ଡିଜିଙ୍କ ଅବିଶ୍ୱାସ
- ଅତିରିକ୍ତ ଡିଜି ନୁହେଁ, ଡିଜି କରିବେ ତଦନ୍ତ
- ୪ କୋଟିର ପ୍ରଧାନମନ୍ତ୍ରୀ, ୯୬ ମଡେଲ୍ ମାରୁତି କାର, ଦାମ୍ ୪୦ ହଜାର
- ଅଧ୍ୟାପକ ୧୮୦ ଦିନ ପାଠ ପଢ଼ାଇବାକୁ ବାଧ୍ୟ
- ପ୍ରାପ୍ୟ ପାଇଁ ଧାରଣା: ଦଲାଲ କବଳରେ ୧୯ କପା ଚାଷୀ
- ଫୁଲବାଣୀ ସିଭିଲ୍ କୋର୍ଟ ରେଜିଷ୍ଟ୍ରାର୍ ହାଇକୋର୍ଟରେ ହାଜର: ଦାୟିତ୍ୱହୀନତା ପାଇଁ ହାଇକୋର୍ଟଙ୍କ କ୍ଷୋଭ
- ଇ-ପ୍ରଶାସନ ପାଇଁ ସରକାରଙ୍କ ଆଗ୍ରହ ନାହିଁ, ଓକାକ୍ ଚଳାଇବ ୱେବ୍‌ସାଇଟ୍
- ବେଦାନ୍ତ ପ୍ରକଳ୍ପ ବିରୋଧରେ ଜୁନ୍ ୧୬ରୁ ସତ୍ୟାଗ୍ରହ
- କେନ୍ଦ୍ରୀୟ ଅନୁଦାନକୁ ନେଇ ପୁନର୍ବାର ଶାସକ-ବିରୋଧୀ ମୁହାଁମୁହିଁ, ଅନ୍ୟାୟର ଜବାବ ଦିଆଯିବ: ବିଜେଡି, ଶ୍ୱେତପତ୍ର ପ୍ରକାଶ କର: କଂଗ୍ରେସ
- ଉପଜିଲ୍ଲାପାଳଙ୍କ ସମେତ ୫ ଜଣଙ୍କ ବିରୋଧରେ ଅଭିଯୋଗ ଫର୍ଦ୍ଦ
- ଫେକ୍ ଏନକାଉଣ୍ଟର: ସୁପ୍ରିମ କୋର୍ଟରେ ଗୁଜରାଟ ସରକାରଙ୍କ ରିପୋର୍ଟ
- ମାୟାବତୀଙ୍କ ଶାସନ: ୧୭୩ ଆଇପିଏସ୍ ବଦଳିଲେ
- ଗଞ୍ଜାମ ମଦମୃତ୍ୟୁ ମାମଲା: ଏସ୍‌ପିଙ୍କ ବୟାନ, ଜିଲ୍ଲାପାଳଙ୍କୁ ସବୁ ଜଣାଥିଲା
- ପୁଲିସ ଆଧୁନିକୀକରଣ ପାଇଁ ୩୫ କୋଟି ଟଙ୍କାର ଅଟକଳ
- କଳିଙ୍ଗା କୁଆଡ଼େ ଯିବ
- ପ୍ରଫେସରଙ୍କ ମଧ୍ୟରେ ବିଭାଜନ ଉଠୁନି, ଉତ୍କଳ ବିଶ୍ୱବିଦ୍ୟାଳୟ ୮ଟି ବିଭାଗରେ ଅବ୍ୟବସ୍ଥା

ବିତର୍କ/ମତାମତ ସଂଗ୍ରହ

**Poll ID 0 does not exist.**

**News letter**

**Newsletter Signup**

Name*

Email*

Subscribe

Unsubscribe




## କଟାକ୍ଷ



କଂଗ୍ରେସ କରିବ 'ନବୀନ ହଟାଅ'

ଅଭିଯାନ ଜୋରଦାର

ସର୍କାରକୁ ସଣ୍ଢୁଆଣିରେ ଚୁମୁଟି

କରିଦବ ନାରଖାର.....

ହସ ନାଗେ କରକର.....

ଚୁମୁଟା ଚୁମୁଟି ହୋଇ କିଏ ଆଉ

କାଟିବ ନିଜର ଚେର.....

Make your attractive website with domain name booking and web space only @ **INR 2999**/- * for further information contact info@

*Powered by* EML in Association with Modulesoft
Copyright © 2006 orissasambad.com. This Site is Best Viewed by : Internet Explorer in 1024 * 768